## ଶ୍ରମିକଶୂନ୍ୟ ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି

# କୋକସରାରେ ପ୍ରଶାସନର ବଡ଼ ପ୍ରହସନ

କୋକସରା,୨୬।୫(ସମିସ)



କୋକସରା ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିବା ମନରେଗା ଓ ସମଗ୍ର ଶିକ୍ଷା ଅଭିଯାନ ବ୍ଲକ୍‌ସ୍ତରୀୟ ସାମାଜିକ ସମିକ୍ଷା ଜନଶୁଣାଣି ଶିବିର କେବଳ ସରକାରୀ ପ୍ରହସନରେ ପରିଣତ ହୋଇଥିବା ଅଭିଯୋଗ ହେଉଛି। ଯେଉଁ ଶ୍ରମିକମାନଙ୍କ ସ୍ୱାର୍ଥ ଓ ସମସ୍ୟାର ସମାଧାନ ପାଇଁ ଏହି ଜନ ଶୁଣାଣୀର ଆୟୋଜନ କରାଯାଇଥିଲା, ଆଶ୍ଚର୍ଯ୍ୟଜନକ ଭାବେ ସେହି ଶିବିରରେ ଜଣେ ହେଲେ ବି ପ୍ରକୃତ ଶ୍ରମିକ ଉପସ୍ଥିତ ନଥିବା ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ, ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି ଏବଂ ଶ୍ରମିକ ବଦଳରେ ମେସିନ୍ (ଜେସିବି) ମାଧ୍ୟମରେ କାର୍ଯ୍ୟ କରାଯାଉଛି। ପରବର୍ତ୍ତୀ ସମୟରେ କିଛି ଲୋକଙ୍କୁ କାର୍ଯ୍ୟ ସ୍ଥଳରେ ଡାକି ନେଇ ଅତି ଚତୁରତାର ସହିତ ଜିଓ ଟ୍ୟାଗ୍ କରାଯାଉଥିବା ବେଳେ, ଯେଉଁ କେତେକ ଶ୍ରମିକ ନିୟୋଜିତ ହେଉଛନ୍ତି ସେମାନଙ୍କ ପ୍ରାପ୍ୟ ମିଳିବାରେ ମଧ୍ୟ ଅନେକ ବିଳମ୍ବ ନେଇ ଦୀର୍ଘ ଦିନ ହେବ ଅସନ୍ତୋଷ ପ୍ରକାଶ ପାଇଆସୁଛି। ଏଭଳି ଅଭିଯୋଗ ଗୁଡ଼ିକର ସମୀକ୍ଷା ଓ ଶୁଣାଣି ପାଇଁ ବ୍ଲକ୍ ପ୍ରଶାସନ ତରଫରୁ ଶିବିର ଡକାଯାଇଥିଲା। ମାତ୍ର ବ୍ୟାପକ ପ୍ରଚାର ପ୍ରସାରର ଅଭାବ ଏବଂ ଅଧିକାରୀମାନଙ୍କ ଦାୟିତ୍ୱହୀନତା ଯୋଗୁଁ ସାଧାରଣ ଶ୍ରମିକମାନେ ଶିବିର ସମ୍ପର୍କରେ କୌଣସି ସୂଚନା ପାଇପାରି ନଥିଲେ। ଯେଉଁଠି ଗରିବ ଶ୍ରମିକଙ୍କ କଥା ଶୁଣିବା ପାଇଁ ବ୍ୟବସ୍ଥା ଅଛି, ସେଠାରେ ଶ୍ରମିକ ନାହାଁନ୍ତି। କେବଳ କାଗଜପତ୍ର କାମ ସାରିଦେବା ଏବଂ କୋରମ ପୂରଣ କରିବା ପାଇଁ ଏଭଳି ଶିବିର କରାଯାଉଛି। ଏହା ଶ୍ରମିକମାନଙ୍କ ପ୍ରତି ଏକ ପରିହାସ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଶିବିରରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବ୍ଲକ ସହକାରୀ ଯନ୍ତ୍ରୀ ଏହମ୍ମଦ ସରିଫ୍, ଭାରପ୍ରାପ୍ତ ଏପିଓ ସୁନିଲ କୁମାର ସାହୁ, କୋକସରା ବିଏସ୍‌ଏ ଆଲୋକ କୁମାର ପ୍ରଧାନୀ, ବିଏସ୍‌ଏ ଜୟକୃଷ୍ଣ ତାଣ୍ଡି ପ୍ରମୁଖ ମଞ୍ଚାସୀନ ଥିବାବେଳେ ଶିବିରରେ କେବଳ ସରକାରୀ ବାବୁ ଓ କିଛି ନିର୍ଦ୍ଦିଷ୍ଟ ପ୍ରତିନିଧି ଉପସ୍ଥିତ ରହି ସଭା ଶେଷ କରିଥିଲେ। ବିନା ଶ୍ରମିକରେ ମନରେଗାର ଜନ ଶୁଣାଣି କିଭଳି ସମ୍ଭବ, ତାହାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଆଗାମୀ ଦିନରେ ସମସ୍ତ ଶ୍ରମିକଙ୍କୁ ସାମିଲ କରି ପୁନର୍ବାର ସ୍ୱଚ୍ଛ ଭାବେ ଜନଶୁଣାଣି କରିବାକୁ ଜନ ସାଧାରଣରେ ଦାବି ହେଉଥିବା ବେଳେ, କୋକସରାରେ ପ୍ରଶାସନର ବଡ଼ ପ୍ରହସନ ବୋଲି ଚର୍ଚ୍ଚା ହେବାରେ ଲାଗିଛି। ଏ ବିଷୟରେ ଭାରପ୍ରାପ୍ତ ଏପିଓ ସୁନିଲ କୁମାର ସାହୁଙ୍କ ମତାମତ ନେବାରୁ ଶ୍ରମିକଙ୍କୁ ଅବଗତ କରାଯାଇଥିଲା, ସେମାନେ ଆସିଲେ ନାହିଁ, ବିଏସ୍‌ଏଙ୍କୁ ପଚାରନ୍ତୁ ବୋଲି କହିଥିଲେ। ସେହିପରି ବିଏସ୍‌ଏଙ୍କ ମତାମତ ନେବା ପାଇଁ ବାରମ୍ବାର ଫୋନ୍ କରାଯାଇଥିଲେ ମଧ୍ୟ କଲ ରିସିଭ୍ ନ କରିବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଜିଲ୍ଲା ଉନ୍ନୟନ ସମିତି ବୈଠକ

# ପେନ୍‌ସନ୍‌ଭୋଗୀଙ୍କ ସର୍ଭେ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ

ନୂଆପଡ଼ା,୨୬।୫(ସମିସ)



ନୂଆପଡ଼ା ଜିଲ୍ଲାର ସାମଗ୍ରିକ ଉନ୍ନତିକୁ ତ୍ୱରାନ୍ୱିତ କରିବା ସହ ଅନ୍ତଃବିଭାଗୀୟ ସମନ୍ୱୟକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ସଭାବନା ସଭାଗୃହଠାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲା ଉନ୍ନୟନ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ଏପିଡି କ୍ଷମାନିଧି ଭୋଇ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଦ୍ୱାରିକାନାଥ ଶତପଥୀଙ୍କ ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକର ଆରମ୍ଭରେ ଜିଲ୍ଲାପାଳ ଶ୍ରୀ ଦାଶ ଜିଲ୍ଲାର ବେକାର ଯୁବକଯୁବତୀମାନଙ୍କୁ କେବଳ ଚାକିରି ପଛରେ ନ ଦୌଡ଼ି ଉଦ୍ୟୋଗୀ ଭାବେ ଗଢ଼ି ଉଠିବାକୁ ଆହ୍ୱାନ ଦେଇଥିଲେ। ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓସ୍ୱାସ୍ ମାଧ୍ୟମରେ ଅନଲାଇନ ଫାଇଲ ଓ ଚିଠିପତ୍ର ଆଦାନପ୍ରଦାନକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ତହସିଲଦାରଙ୍କୁ ଜମି ହସ୍ତାନ୍ତର ପ୍ରକ୍ରିୟାକୁ ଶୀଘ୍ର ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉପନିର୍ଦ୍ଦେଶକ (ପରିସଂଖ୍ୟାନ) ଦିଲେଶ୍ୱର ଧରୁଆ ପୂର୍ବ ବୈଠକର କାର୍ଯ୍ୟବିବରଣୀ ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ବିଗତ ମାସର ଉନ୍ନୟନମୂଳକ କାର୍ଯ୍ୟରେ ଥିବା ବାଧା, ବିସଙ୍ଗତି ଓ ସେଗୁଡ଼ିକର ସମାଧାନ ସହ ପ୍ରତ୍ୟେକ ବିଭାଗର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ପର୍ଯ୍ୟଟନ ବିଭାଗ ସମେତ ବିଭିନ୍ନ ନିର୍ମାଣାଧୀନ କାର୍ଯ୍ୟର ଅଗ୍ରଗତି ଉପରେ ମଧ୍ୟ ସମୀକ୍ଷା କରାଯାଇଥିଲା।

ରାସ୍ତା ଓ ଗୃହନିର୍ମାଣ, ଗ୍ରାମ୍ୟ ଉନ୍ନୟନ ଏବଂ ଜାତୀୟ ରାଜପଥ ବିଭାଗକୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଜଳସେଚନ, ପଞ୍ଚାୟତିରାଜ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, ଜଙ୍ଗଲ, ଖଣି ଓ ଅନ୍ୟାନ୍ୟ ବିଭାଗର କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ତହସିଲଦାରମାନଙ୍କ ଦ୍ୱାରା ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ପଶୁ ଚିକିତ୍ସାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ଖେଳପଡ଼ିଆ ପାଇଁ ଜମି ପଟ୍ଟା ପ୍ରଦାନ ଓ ନୂତନ ଭବନ ନିର୍ମାଣ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ପେନସନ ବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଅନିୟମିତତା ରୋକିବା ଉଦ୍ଦେଶ୍ୟରେ ୭୦ ବର୍ଷ ଓ ଉର୍ଦ୍ଧ୍ୱ ପେନସନଭୋଗୀଙ୍କ ଉପରେ ସର୍ଭେ କରିବା ପାଇଁ ଜିଲ୍ଲାପାଳ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସର୍ଭେ କାର୍ଯ୍ୟକୁ ୧୫ ଦିନ ମଧ୍ୟରେ ସମାପ୍ତ କରିବା ସହ ଉପ ଜିଲ୍ଲାପାଳଙ୍କୁ ଏହାର ତଦାରଖ ଦାୟିତ୍ୱ ଦିଆଯାଇଥିଲା।

ଜିଲ୍ଲାପାଳ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ସହରାଞ୍ଚଳରେ ଜବରଦଖଲ ରୋକିବାକୁ ନିର୍ଦ୍ଦେଶ ଦେବା ସହ ନୂଆପଡ଼ା ଓ ଖଡ଼ିଆଳ ରୋଡ଼ ଏନ୍‌ଏସି ପକ୍ଷରୁ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ବଣ୍ଟନ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଘୋଷିତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଉପରେ ମଧ୍ୟ ସମୀକ୍ଷା କରାଯାଇଥିଲା। ବୈଠକ ଶେଷରେ ଜିଲ୍ଲାପାଳ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଉତ୍ସର୍ଗୀକୃତ ମନୋଭାବ ସହ କାର୍ଯ୍ୟ କରି ଜିଲ୍ଲାକୁ ଦ୍ରୁତ ଉନ୍ନୟନ ପଥରେ ଆଗେଇ ନେବା ପାଇଁ ଆହ୍ୱାନ କରିଥିଲେ।

# ନାରୀ ଅଧିକାର ଦାବିରେ ବିଜେଡିର ବିଶାଳ ଶୋଭାଯାତ୍ରା




ଜୁନାଗଡ଼,୨୬।୫(ସମିସ)

ରାଜ୍ୟରେ ମହିଳା ସଂରକ୍ଷଣ ଲାଗୁ ଓ ନାରୀ ନିର୍ଯାତନା ନିୟନ୍ତ୍ରଣରେ ବିଜେପି ସରକାରଙ୍କ ବିଫଳତା ଅଭିଯୋଗ କରି ଆଜି ଜୁନାଗଡ଼ରେ ବିଜୁ ଜନତା ଦଳ ପକ୍ଷରୁ 'ନାରୀ ଅଧିକାର ଅଭିଯାନ' ଆରମ୍ଭ ହୋଇଛି। 'ମଙ୍ଗଳବାର ଦିନ ରେଣ୍ଡୋ ମାଝୀ ସଂସ୍କୃତି ଭବନଠାରୁ ଜୁନାଗଡ଼ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ମହିଳାଙ୍କ ସମେତ ବିଜେଡିର ବହୁ କର୍ମକର୍ତ୍ତା ଶୋଭାଯାତ୍ରାରେ ସାମିଲ ହୋଇ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ବିଜେଡି ନେତୃବୃନ୍ଦ ଅଭିଯୋଗ କରିଛନ୍ତି ଯେ, ଓଡ଼ିଶାରେ ବିଜେପି ସରକାର ମହିଳାଙ୍କୁ ୩୩ଧ ସଂରକ୍ଷଣ ଦେବାରେ ବିଫଳ ହୋଇଛନ୍ତି ଏବଂ ରାଜ୍ୟରେ ନାରୀ ନିର୍ଯାତନା ଘଟଣା ବୃଦ୍ଧି ପାଇଥିଲେ ମଧ୍ୟ ରାଜ୍ୟ ସରକାର ରୋକିବାରେ ସମ୍ପୂର୍ଣ୍ଣ ଅସମର୍ଥ। ଏହି ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ି ଦଳ ପକ୍ଷରୁ ଜୁନାଗଡ଼ ବିଡିଓଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରି, ନର୍ଲା ବିଧାୟିକା

ମନୋରମା ମହାନ୍ତି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଧୀରା ମେହେର, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ପ୍ରଧାନ, ଜୁନାଗଡ଼ ଏନ୍‌ଏସି ଅଧ୍ୟକ୍ଷା ହିମାଦ୍ରୀ ନାଏକ, ବ୍ଲକ୍ ଅଧ୍ୟକ୍ଷା ସବିତା ମେହେର, ପୂର୍ବତନ ନାରୀନେତ୍ରୀ ଲଳିତା ନାଏକ, ବ୍ଲକ୍ ସଭାନେତ୍ରୀ ମନୋରମା ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ୍ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ମହେଶ ସାହୁ, ଗିରୀଶ ବେହେରା, ଆଦିତ୍ୟ ନନ୍ଦ, ଦିନେଶ ବଗର୍ତ୍ତୀଙ୍କ ସମେତ ବିଜୁ ମହିଳା ଜନତା ଦଳ, ଯୁବ ଓ ଛାତ୍ର ସଂଗଠନର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ ଥିଲେ।

# ଓସିଏସ୍ ପାଇଲେ କେସିଙ୍ଗାର କନକ

**କେସିଙ୍ଗା,୨୬।୫(ସମିସ):** ଇତି ମଧ୍ୟରେ ଓଡ଼ିଶା ସରକାରଙ୍କ ଅଧିନସ୍ଥ ଓ ପି ଏ ସ ସି ପରୀକ୍ଷା। ୨୦୨୪ ର ପରୀକ୍ଷା ଫଳ ପ୍ରକାଶ ପାଇଛି।



କେସିଙ୍ଗାର କନକ ଜୈନ ସମଗ୍ର ରାଜ୍ୟରେ ଚତୁର୍ଥ ରାଙ୍କରେ ଓସିଏସ ପରୀକ୍ଷା କ୍ଲିଅର୍ କରି କେସିଙ୍ଗା ସମେତ ସମଗ୍ର କଳାହାଣ୍ଡି ଜିଲ୍ଲାକୁ ଗୌରବାନିତ କରିଛନ୍ତି। କେସିଙ୍ଗା ଗୌରୀଶଙ୍କର ମନ୍ଦିର ଗଳିରେ ତାଙ୍କ ଘର ଥିବା ବେଳେ ବାପାଙ୍କ ନାମ ସନ୍ତୋଷ କୁମାର ଜୈନ ଓ ମାଁଙ୍କ ନାମ ନମିତା ଜୈନ। ବାପା ଜଣେ ଅଞ୍ଚଳର ଜଣାଶୁଣା ବ୍ୟବସାୟୀ। ପରିବାରର ସୂଚନା ଅନୁଯାୟୀ କନକ ଜୈନଙ୍କ ପ୍ରାଥମିକ ଶିକ୍ଷା କେସିଙ୍ଗା ଦ୍ରୋଣାଚାର୍ଯ୍ୟ ସ୍କୁଲ ରୁ ଆରମ୍ଭ ହୋଇ ପରେ ପରେ ରେ ରାଜ୍ୟ ବାହାରେ ପାଢ଼ୀ ଆଇଏଏସ ପାଇଁ ଚେଷ୍ଟା ଚଳାଇଥିଲେ। ଖବର ପ୍ରକାଶ ପାଇବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି ଓ ତାଙ୍କର ସଫଳତା ପାଇଁ କେସିଙ୍ଗା ନଗର ପାଳ ନୃପରାଜ୍ ଯାଦବ, ବ୍ଲକ୍ ଅଧ୍ୟକ୍ଷ ଚନ୍ଦନ ସେନାପତି, ବିଭିନ୍ନ ରାଜନୈତିକ ଦଳର ସଭାପତି, କେସିଙ୍ଗା ସିଟିଜନ ଫୋରମ୍‌ର ସଭାପତି ଡାକ୍ତର ହେମସାଗର ସାହାଙ୍କ ସମେତ ସହରର ବିଭିନ୍ନ ସଙ୍ଗଠନ ପକ୍ଷରୁ କନକ ଜୈନଙ୍କୁ ତାଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

● କାଳବୈଶାଖୀ ତାଣ୍ଡବ

# ଉଡ଼ିଲା ଆଜବେଷ୍ଟସ; ଗଛ ପଡ଼ି ରାସ୍ତା ଅବରୋଧ



ଲାଞ୍ଜିଗଡ଼,୨୬।୫(ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ଘାଟି ଅଞ୍ଚଳରେ ଥିବା ବେନଗାଁ ଓ ଲାଞ୍ଜି ପଞ୍ଚାୟତ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଛି। କାଳବୈଶାଖୀ ସମେତ ବର୍ଷା, ଘଡ଼ଘଡ଼ି ଓ ତୁହାକୁ ତୁହା ବର୍ଷା ପବନରେ ସ୍କୁଲର ଆଜବେଷ୍ଟସ ଉଡାଇ ଦେଇଥିବାବେଳେ ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ଗଛପଡ଼ି ଯାତାୟାତରେ ଘୋର ଅସୁବିଧା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ସମବାର ଅପରାହ୍ଣରେ ବର୍ଷା, ଘଡଘଡି ସମେତ ଜୋରରେ ପବନ ହୋଇଥିଲା। ବେନଗାଁ ପଞ୍ଚାୟତ ଅଧୀନ ପେଙ୍ଗସୁର ଗାଁର ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲ ଉପରେ ଥିବା ଆଜବେଷ୍ଟସ ଉଡାଇ ରାସ୍ତା କଡରେ ପଡିଥିବା ବେଳେ ବେନଗାଁ-ମୂଷାନାଳ ମୁଖ୍ୟ ରାସ୍ତାର ଧଡେଲ ଜଙ୍ଗଲଠାରେ ବିରାଟ ଗଛ ପଡି ରାସ୍ତା ଅବରୋଧ ହୋଇଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ସୀମାନ୍ତ ରାୟଗଡା ଜିଲ୍ଲାକୁ ସଂଯୋଗ କରୁଥିବା ବେଳେ ଅନେକ ଯାନବାହାନ ଅଟକି ରହିଥିବା ଦେଖିବାକୁ ମିଳିଛି। ସେହିପରି ଲାଞ୍ଜି ପଞ୍ଚାୟତ ବଡମ୍ବା ଗାଁ ରାସ୍ତାରେ ଗଛ ପଡି ଯାତାୟାତ ଠପ୍ ହୋଇଯାଇଥିଲା।

# ମଦ ବ୍ୟବସାୟୀଙ୍କୁ ୩ ବର୍ଷ ଜେଲ୍

**ଜୁନାଗଡ,୨୬।୫(ସମିସ):** କଳାହାଣ୍ଡି ଜିଲା ଜୁନାଗଡ଼ ସିଭିଲ ଜଜ୍/ ଜେଏମ୍‌ଏଫ୍‌ସି ବିଚାରପତି ଦିପେନ୍ଦ୍ର ସିଂହ ରାଠୋର ମଙ୍ଗଳବାର ଏକ ମଦ ଜବତ ମାମଲାର ରାୟ ଶୁଣାଇଛନ୍ତି। ଏହି ମାମଲାରେ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଜୁନାଗଡ଼ ଥାନା ବଣିଜରାର ସୋମନାଥ ମେହେରଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ଗତ ୨୦୨୪ ମସିହାରେ ଅଭିଯୁକ୍ତ ମେହେରଙ୍କ ଠାରୁ ଅବକାରୀ ବିଭାଗ ୧୯.୮ ଲିଟର ବିଦେଶୀ ମଦ ଜବତ କରି ପରବର୍ତ୍ତୀ ସମୟରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଧର୍ମଗଡ଼ ଅବକାରୀ ରେଞ୍ଜ ନିରୀକ୍ଷକ ହେମକାନ୍ତ ସୁନା ଏହି ମାମଲାର ତଦନ୍ତ କରିଥିବାବେଳେ କୋର୍ଟରେ ମାମଲାକୁ ସରକାରୀ ଆଇନଜୀବୀ ଟଙ୍କଧର ନାଏକ ପରିଚାଳନା କରିଥିଲେ।

## ନୂଆପଡ଼ା ଅଟଳ ବସ୍‌ଷ୍ଟାଣ୍ଡରେ ଦୁର୍ନୀତି ପ୍ରସଙ୍ଗ

# ଆକସ୍ମିକ ବ୍ୟୟ ସମ୍ପର୍କିତ ପ୍ରଚାରିତ ଖବରର ତଦନ୍ତ

**ନୂଆପଡା,୨୬।୫(ସମିସ):** ନୂଆପଡା ଅଟଳ ବସଷ୍ଟାଣ୍ଡରେ ବିଭିନ୍ନ ଜିନିଷ ପତ୍ର କିଣାରେ ଅର୍ଥ ଆତ୍ମସାତ ଅଭିଯୋଗ ନେଇ ସୋସିଆଲ ମିଡିଆରେ ପ୍ରଚାରିତ ଖବରକୁ ଜିଲ୍ଲା ପ୍ରଶାସନ ଗୁରୁତ୍ୱର ସହ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି। ପ୍ରଶାସନିକ ସ୍ୱଚ୍ଛତା ଏବଂ ଜନବିଶ୍ୱାସକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ତଦନ୍ତ କରାଯାଇଥିବା ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାପାଳ ମଧୁସୂଦନ ଦାଶ ଘଟଣାର ସତ୍ୟାସତ୍ୟ ନିରପେକ୍ଷ ଭାବେ ଯାଞ୍ଚ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ରଇତଙ୍କ ନେତୃତ୍ୱରେ ଏକ ଟିମ୍ ତଦନ୍ତ କରି ବିକାକିଣାର ସମସ୍ତ ବିଲ ସହ ସମ୍ପୃକ୍ତ ସମସ୍ତ ଇନଭଏସ୍, ହିସାବ ପତ୍ର, ଆର୍ଥିକ ରେକର୍ଡ ଏବଂ ଦଲିଲପତ୍ର ସବିଶେଷ ଯାଞ୍ଚ କରାଯାଇଥିଲା। ତଦନ୍ତ ଅନୁଯାୟୀ ଉଲ୍ଲେଖିତ ରାଶି ସମ୍ପୃକ୍ତ ସପ୍ଲାୟରମାନଙ୍କ ଇନଭଏସ୍ ସହ ସଠିକ୍ ଭାବେ ମେଳ ଖାଉଛି ଏବଂ ଜିଏସ୍‌ଟି ରାଶି ମଧ୍ୟ ସମ୍ପୂର୍ଣ୍ଣ ନିୟମାନୁସାରେ ଯୋଗ କରାଯାଇଥିବା ଜଣାପଡିଛି। ସମୁଦାୟ ବିଲ୍ ରାଶି ୬୦,୬୪୪ ଟଙ୍କା ସଠିକ୍ ଥିବା ତଦନ୍ତରେ ପ୍ରମାଣିତ ହୋଇଥିବା ବିଭାଗୀୟ ଅଧିକାରୀ କହିଛନ୍ତି । ତଦନ୍ତ ସମୟରେ ମେସର୍ସ ଜୈନ ଇନଭାଇରୋମେଣ୍ଟାଲ ସୋଲ୍ୟୁସନ୍, ପ୍ରେମକୁଞ୍ଜ କଲେକ୍ସନ୍ ଏବଂ ଆର.କେ. ହାର୍ଡୱେର ଏଣ୍ଡ ଇଲେକ୍ଟ୍ରିକାଲ୍ ଷ୍ଟୋରର ଇନଭଏସ୍‌ଗୁଡ଼ିକୁ ମଧ୍ୟ ସ୍ୱତନ୍ତ୍ର ଭାବେ ଯାଞ୍ଚ କରାଯାଇଥିଲା ଏବଂ ସମସ୍ତ ହିସାବ ସଠିକ୍ ଓ ନିୟମସମ୍ମତ ଥିବା ନିଶ୍ଚିତ କରାଯାଇଛି। ଦାବିକୃତ ରାଶି ଓ ଇନଭଏସ୍‌ର ରାଶି ମଧ୍ୟରେ କୌଣସି ପ୍ରକାର ଅମେଳ, ଜାଲିଆତି କିମ୍ବା ଆର୍ଥିକ ଅନିୟମିତତା ମିଳିନାହିଁ। ଏହି ତଦନ୍ତ ପରେ ଅଟଳ ବସ୍‌ଷ୍ଟାଣ୍ଡର ହିସାବରେ କୌଣସି ପ୍ରକାର ଅର୍ଥ ଆତ୍ମସାତ୍ ଘଟିନଥିବା ସ୍ପଷ୍ଟ ଭାବେ ପ୍ରମାଣିତ ହୋଇଛି। ଜିଲ୍ଲା ପ୍ରଶାସନ କହୁଛି ଯେ, କୌଣସି ଅଭିଯୋଗ ଆସିଲେ ତାହାର ନିରପେକ୍ଷ ତଦନ୍ତ କରିବା ଏବଂ ସତ୍ୟକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପ୍ରଶାସନର ପ୍ରାଥମିକ ଦାୟିତ୍ୱ।

■ ପେଟ୍ରୋଲ୍ ଓ ଡିଜେଲ୍‌ର ଅହେତୁକ ଦର ବୃଦ୍ଧି

# କଳାହାଣ୍ଡି ବିଜୁ ଯୁବ-ଛାତ୍ର ଓ ମହିଳା ଜନତା ଦଳ ପକ୍ଷରୁ ପ୍ରତିବାଦ



**ଭବାନୀପାଟଣା,୨୬।୫(ସମିସ):** ଦେଶରେ ପେଟ୍ରୋଲ ଓ ଡିଜେଲର ଅହେତୁକ ଦରବୃଦ୍ଧି ଯୋଗୁଁ ସାଧାରଣ ଜନତାଙ୍କ ଜୀବନ ଦୁର୍ବିସହ ହୋଇପଡିଥିବା ବେଳେ କଳାହାଣ୍ଡି ବିଜୁ ଯୁବ-ଛାତ୍ର ଓ ମହିଳା ଜନତା ଦଳ ପକ୍ଷରୁ ଏହାର ତୀବ୍ର ପ୍ରତିବାଦ କରାଯାଇଛି। ଭବାନୀପାଟଣା ଘୋଡାଘାଟସ୍ଥିତ ପେଟ୍ରୋଲ ପମ୍ପ ସମ୍ମୁଖରେ ଶତାଧିକ ବିଜେଡି କର୍ମକର୍ତ୍ତା ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ବାରମ୍ବାର ପେଟ୍ରୋଲ ଓ ଡିଜେଲ୍ ଦର ବୃଦ୍ଧିକୁ ପ୍ରତିବାଦ କରିଥିଲେ। ଦରବୃଦ୍ଧି ସିଧାସଳଖ ଅତ୍ୟାବଶ୍ୟକ ସାମଗ୍ରୀର ଦର ଉପରେ ପ୍ରଭାବ ପକାଉଥିବାରୁ ସାଧାରଣ ଲୋକ, ମଧ୍ୟବିତ୍ତ ପରିବାର, ଚାଷୀ, ଶ୍ରମିକ, ଛୋଟ ବ୍ୟବସାୟୀ ଓ ପରିବହନ କ୍ଷେତ୍ର ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ଦରଦାମ ବୃଦ୍ଧି ରୋକିବାରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବିଫଳ। ଜନସାଧାରଣଙ୍କ ଦୁଃଖ କଷ୍ଟ ପ୍ରତି ସରକାରଙ୍କର କୌଣସି ସମ୍ବେଦନଶୀଳତା ନାହିଁ। ଆଗାମୀ ଦିନରେ ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ ନକଲେ ଏବଂ ଦର ଉପରେ ସରକାର ଅଙ୍କୁଶ ନ ଲଗାଇଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ଦାସ, ବିଜେଡି ରାଜ୍ୟ ସମ୍ପାଦକ ଆଦିତ୍ୟ ନନ୍ଦ, ଜିଲ୍ଲା ବିଜେଡି ଉପସଭାପତି ପ୍ରଦୀପ ମୁଣ୍ଡ, ପୌରାଧ୍ୟକ୍ଷ ବିଷ୍ଣୁ ପ୍ରଧାନ, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ବିଜେଡି ଉପସଭାପତି ମନିନ୍ଦ୍ର ମହାନ୍ତି, ଜୋନ ମହିଳା ସଭାପତି ଲଳିତା ନାଏକ, ମହିଳା ସଭାନେତ୍ରୀ ସବିତା ପ୍ରଧାନ, ପୂର୍ବତନ ପୌରାଧ୍ୟକ୍ଷ ସଂଯୁକ୍ତା ବେହେରା, ସାମନ୍ତ ଖମାରୀ, ପ୍ରଶାନ୍ତ ନାଏକ, ବଦ୍ରିନାରାୟଣ ପଟ୍ଟନାୟକ, କ୍ଷିରସିନ୍ଧୁ ନାଏକ, ସେନାପତି ନାଏକ, ଶିବା ସାହୁ, ହରାମଣୀ ଗଣ୍ଡ, ପ୍ରଶାନ୍ତ ଠାକୁର, ରାଜୀବ ଲୋଚନ ଶତପଥୀ, ପିତବାସ ବେହେରା, ଅମିତ ଯାଦବ, ରଞ୍ଜୁକ୍ତା ପ୍ରଧାନ, ସମୀତା ମହାପାତ୍ର, ରବିଚନ୍ଦ୍ର ନାଏକ ପ୍ରମୁଖ ସାମିଲ ଥିଲେ।

## ରାତ୍ରିକାଳୀନ ଭଲିବଲ୍‌ରେ ପିପଲପଦର ଏମ୍‌ଭିସି ଚାମ୍ପିଅନ

**କର୍ଲାମୁଣ୍ଡା,୨୬।୫(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ରିଞ୍ଜା ଯୁବ ସଂଗଠନ ପକ୍ଷରୁ ଚାଲିଥିବା ରାତ୍ରିକାଳୀନ ଭଲିବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସ୍ଥାନୀୟ ସରପଞ୍ଚ ପୁର୍ଣ୍ଣମୀ ମାଝୀ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମୁଖ୍ୟ ଜିଲ୍ଲା ସଂଯୋଜକ ହରେସ ବାଗ, ସମାଜସେବୀ ସମାରୁ ସାହୁ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ୍ ତୁଣ୍ଡଲା ଓ କେସିଙ୍ଗା ବ୍ଲକ୍ ପିପଲପଦର (ଏମ୍‌ଭିସି) ମଧ୍ୟରେ ହୋଇଥିଲା। ପିପଲପଦର ଚାମ୍ପିଅନ ହୋଇଥିଲା। ବିଜେତା ଓ ଉପବିଜେତା ଦଳକୁ ନଗଦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳ ପରିଚାଳନାରେ ଅଭିରୂପ୍ ଷଡ଼ଙ୍ଗୀ ଓ ବିକାଶ ସାହୁ ରହିଥିବା ବେଳେ ଉଦଘୋଷକ ଯଶପାଲ ସାହୁ, ପ୍ରିୟାଂଶୁ ସାହୁ, ହେମାନନ୍ଦ ସାହୁ ଓ ସ୍କୋରର ଭାବେ ସୁମନ୍ତ ସାହୁ, ବିକ୍ରମ ସାହୁ ଦାୟିତ୍ୱ ତୁଲାଇଥିଲେ। ଏଥିରେ ୮ଟି ଦଳ ଭାଗ ନେଇଥିଲେ। ରିଞ୍ଜା ଯୁବ ସଂଗଠନ ସଭାପତି ଜିତେନ୍ଦ୍ର ସାହୁ, ନୀଳ ସାହୁ, ରାଜେଶ୍ ସାହୁ, ସିଦ୍ଧାନ୍ତ ସାହୁ, ଗୁଣନିଧି ସାହୁ, ଥାବିର ସାହୁ, ହେମାନନ୍ଦ ସାହୁ, ପ୍ରମୋଦ ସାହୁ, ଆନନ୍ଦ ସାହୁ, ଚୈତନ୍ୟ ସାହୁ, ମିଥୁନ ସାହୁ, ପପୁନ୍ ସାହୁ, ପପୁ ସାହୁ, ସୁରେନ୍ଦ୍ର ସାହୁ, ଅଚିନ ଅନୁଭବ ଷଡଙ୍ଗୀ, ଅଭିଷେକ ସାହୁ, ପିକୁନ ସାହୁ, ହାଡ଼ିବନ୍ଧୁ ସାହୁ, ବିକାଶ ସାହୁ, ଅନାଦି ସାହୁ, କ୍ରିଷ୍ଣା ସାହୁ, ମୁକେଶ ସାହୁ, ବବୁଲୁ ସାହୁ, କମ୍ପୁ ସାହୁ, ମହେନ୍ଦ୍ର ସାହୁ, ପିଙ୍କୁ ସାହୁ, ରବିନ୍ ସାହୁ, ବିରେନ୍ଦ୍ର ସାହୁ, ସରୋଜ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# କିଆପଦରରେ ଜଙ୍ଗଲ ଅଧିକାର ଆଇନକୁ ନେଇ ମହାସମାବେଶ

**ଥୁଆମୂଳରାମପୁର,୨୬।୫(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ୍ କିଆପଦର ଠାରେ କିଆପଦର ସରପଞ୍ଚ ଲଖିଧର ମାଝୀଙ୍କ ଆହ୍ୱାନରେ ଜଙ୍ଗଲ ଅଧିକାର ଆଇନ-୨୦୦୬କୁ ଆଧାର କରି 'ଜୀବନ ଜୀବିକା ସୁରକ୍ଷା ସଂଗଠନ'ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କର୍ଲାପାଟ ଅଭୟାରଣ୍ୟ ଅନ୍ତର୍ଗତ ଥୁଆମୂଳ ରାମପୁର ବ୍ଲକ୍‌ର କର୍ଲାପାଟ ଓ କିଆପଦର ପଞ୍ଚାୟତ, ଜୁନାଗଡ଼ ବ୍ଲକ୍‌ର ଦେଦର ଓ ଦୁନ୍ଦେଲମାଲ ପଞ୍ଚାୟତ ସହ ଭବାନୀପାଟଣା ବ୍ଲକ୍‌ର ଶଗଡା, ଚାଞ୍ଚେର ଓ ଯୁଗସାଏପାଟଣା ପଞ୍ଚାୟତର ୧୮ ଖଣ୍ଡ ଗାଁର ହଜାରରୁ ଅଧିକ ଆଦିବାସୀ ଓ ପାରମ୍ପରିକ ବନବାସୀ ମହିଳା ଓ ପୁରୁଷ ଏକତ୍ର ହୋଇ ଜୀବିକା ସୁରକ୍ଷା ଏବଂ ଜଙ୍ଗଲ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଯୋଗଦେବା ପାଇଁ କିଆପଦର ସରପଞ୍ଚ ଲଖିଧର ମାଝୀ ଜଙ୍ଗଲ ବିଭାଗର ଡିଏଫ୍‌ଓ ଓ ରେଞ୍ଜରଙ୍କୁ ଅନୁରୋଧପତ୍ର ଦେଇଥିଲେ। ତଥାପି ଉଚ୍ଚ ପଦସ୍ଥ ଅଧିକାରୀମାନେ ବୈଠକରେ ଉପସ୍ଥିତ ନ ହେବାକୁ ନେଇ ସାଧାରଣଲୋକ ଓ ଅତିଥିମାନେ କ୍ଷୋଭ ପ୍ରକାଶ କରିଥିଲେ। ଶେଷରେ କର୍ଲାପାଟ ବିଟର ଜଣେ ଫରେଷ୍ଟ ଗାର୍ଡଙ୍କୁ ପ୍ରତିନିଧି ଭାବେ ପଠାଯାଇଥିଲା। ହେଲେ ସେ କୌଣସି ନିଷ୍ପତ୍ତି ନେବାର କ୍ଷମତାରେ ନଥିବାରୁ ବୈଠକରେ ଉଠିଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇପାରିନଥିଲେ। ଏହି ଅବସରରେ ପୂର୍ବ ମାସରେ ତେନ୍ତୁଳିପଦରରେ ଘଟିଥିବା ମୂଳ ନିବାସୀ ଆଦିବାସୀଙ୍କୁ ମାଡ଼ମାରି ଓ ଜୋତାମାଡ଼ ଘଟଣାକୁ ବୈଠକରେ ତୀବ୍ର ନିନ୍ଦା କରାଯାଇଥିଲା। ଆଦିବାସୀ ଓ ପାରମ୍ପରିକ ବନବାସୀଙ୍କ ଅଧିକାର ସୁରକ୍ଷା ଓ ଜଙ୍ଗଲ ଉପରେ ସେମାନଙ୍କର ପାରମ୍ପରିକ ଅଧିକାରକୁ ସମ୍ମାନ ଦେବା ପାଇଁ ସରକାର ଓ ଜଙ୍ଗଲ ବିଭାଗ ଗୁରୁତ୍ୱ ଦେବାକୁ ଦାବି ହୋଇଥିଲା। ବୈଠକରେ ଥୁଆମୂଳ ରାମପୁର ବ୍ଲକ୍ ଆଦିବାସୀ ସଂଘ ସଭାପତି ସନାତନ ମାଝୀ, ଜମା ମାଝୀ, ରାମଚନ୍ଦ୍ର ମାଝୀ, ପ୍ରଦାନ ସଂସ୍ଥାର ବ୍ରଜକିଶୋର ଦାସ, ବିଜୟ ମାଝୀ, କର୍ଲାପାଟ ସରପଞ୍ଚ ବିଶ୍ୱନାଥ ମାଝୀ, କୃଷ୍ଣଚନ୍ଦ୍ର ଦଳେଇ, ରଞ୍ଜିତ ସିଂହ, ବଳରାମ ଦେଓ, ଗିରିଶ ନାଏକ, ସମାଜସେବୀ ସରୋଜ ବାଗ, ରବି ନାରାୟଣ ସିଂହ, ଜଣାଶୁଣା ଆଇନଜୀବୀ ଅବଦୁଲ ସାଜିଦ୍, ଗୁଣପୁର ରାଜସ୍ୱ ନିରୀକ୍ଷକ ଅଞ୍ଜନ କୁମାର ନାୟକ, ଜିଲ୍ଲା ପରିଷଦ ସଦସ୍ୟା ଟୁନୀ ଖୋସଲା ଓ କର୍ଲାପାଟ ଫରେଷ୍ଟ ଗାର୍ଡ ଉମାକାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଯାଦବଙ୍କ ପ୍ରତି ଘଟିଥିବା ଅମାନୁଷିକ ଘଟଣା

# ଉତ୍କଳ ଯାଦବ ମହାସଭା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି

ଭବାନୀପାଟଣା,୨୬।୫ (ସମିସ)

ଓଡ଼ିଶା ଯାଦବଙ୍କ ସର୍ବପୁରାତନ ସଂଗଠନ ଉତ୍କଳ ଯାଦବ ମହାସଭା ତରଫରୁ ରାଜ୍ୟ ସାଂଗଠାନିକ ସମ୍ପାଦକ ଇଂ ପ୍ରଦୀପ ବେହେରାଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍‌ଠାରେ ଯାଦବଙ୍କ ପ୍ରତି ଘଟିଥିବା ଅମାନୁଷିକ ଘଟଣାକୁ ବିରୋଧ କରି ଉତ୍କଳ ଯାଦବ ମହାସଭା ରାଜ୍ୟ ସାଧାରଣ ସମ୍ପାଦକ ଗୋବିନ୍ଦ ବନଛୋର, ଅମିତ ନାୟକ, ରାଜ୍ୟ ମହିଳା ସେଲ ସଭାନେତ୍ରୀ ସଂଯୁକ୍ତା ବେହେରା, ରାଜ୍ୟ ମେ?ଆ ସେଲ ସଂଯୋଜକ ସୁରଥ ହେର୍ଣ୍ଡା, କଳାହାଣ୍ଡି ଜିଲ୍ଲା ଯାଦବ ସଭାପତି ନୃପରାଜ ଯାଦବ, ଜିଲ୍ଲା ସଂପାଦକ ତ୍ରିପୁରା ନାଏକ, ଜିଲ୍ଲା ଯାଦବ ମହିଳା ସେଲ ସଭାନେତ୍ରୀ ରଶ୍ମିରେଖା ରାଉତ, ଜିଲ୍ଲା ଉପସଭାପତି ଜଗଦୀଶ ଯାଦବ, ପୂର୍ବତନ ସାଧାରଣ ସଂପାଦକ ତଥା ଆଇନଜୀବି ସଞ୍ଜୟ ଧଙ୍ଗଡାମାଝୀ, କୀର୍ତ୍ତନ ନାଏକ, ଧର୍ମଗଡ଼ ବ୍ଲକ୍ ସଭାପତି ଶଙ୍କର କୁଏଡ଼, ଗୋଲାମୁଣ୍ଡା ବ୍ଲକ୍ ସଭାପତି ଗିରିଧାରୀ ତେଜୀ, ନାରୀ ନେତ୍ରୀ କମଳିନୀ ଯାଦବ, ଯୁବ ଯାଦବ ପୀତବାସ ବେହେରା ଓ ପ୍ରକାଶ ବନଛୋର ପ୍ରମୁଖ ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧକ୍ଷକ ନିକଟରେ ଫେରାଦ ହୋଇ ଉକ୍ତ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ସହ ଘଟଣାରେ ଜଡ଼ିତ ଥିବା ସମସ୍ତ ଦୋଷୀମାନଙ୍କୁ ଆଇନ୍ ଅନୁଯାୟୀ କଠୋରରୁ କଠୋର ଦଣ୍ଡ ବିଧାନ କରିବାକୁ ଦାବି ଜଣାଇଥିଲେ। ସୂଚନା



ଥାଉ ଯେ, ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ୫ ଜଣ ଯାଦବ ନିଜ ଗାଈ-ବଳଦକୁ ନେଇ ଘରକୁ ଫେରୁଥିବା ସମୟରେ କିଛି ଅସାମାଜିକ ବ୍ୟକ୍ତି ଉକ୍ତ ଯାଦବଙ୍କୁ ସର୍ବସାଧାରଣରେ ମାଡ଼ ମାରିବା ସହ ଘଣ୍ଟା ଘଣ୍ଟା ଧରି ରାସ୍ତା କଡ଼ରେ ଆଣ୍ଠେଇବା ଓ ୪୫ ଡ଼ିଗ୍ରୀ ଖରାରେ ପିଚୁ ରାସ୍ତା ଉପରେ ଆଣ୍ଠେଇ ଚଳାଇବା, ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ଓ ଅମାନୁଷିକ ଭାବେ ଦୁର୍ବ୍ୟବହାର କରି ସେମାନଙ୍କର ଆତ୍ମସମ୍ମାନକୁ ଭୂଲୁଣ୍ଠିତ କରୁଥିବାର ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ଘଟଣା ସାମ୍ନାକୁ ଆସିଛି। ସଭ୍ୟ ସମାଜରେ ଏଭଳି ବର୍ବରୋଚିତ କାର୍ଯ୍ୟକଳାପ ଓଡିଶା ସରକାରଙ୍କ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ଯାଦବ ସମାଜର ସ୍ୱାଭିମାନ ଉପରେ ପ୍ରଚଣ୍ଡ ଆଘାତ ବୋଲି ଉତ୍କଳ ଯାଦବ ସମାଜ ପକ୍ଷରୁ ମତ ପ୍ରକାଶ କରିଛନ୍ତି।

# ଜନ୍ମନେଲେ ୧୯ ଘଡ଼ିଆଳ ଶାବକ



ବୌଦ୍ଧ,୨୬।୫(ସମିସ): ସାତକୋଶିଆ ଗଣ୍ଡରେ ପୁଣି ଘଡ଼ିଆଳ ବଂଶ ବୃଦ୍ଧି ହୋଇଛି। ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ବୌଦ୍ଧ ଜିଲ୍ଲା କୁସଙ୍ଗ ରେଞ୍ଜ ଅଧୀନ ସୁନାଖଣିଆଁ ବିଟ୍ ସାତକୋଶିଆ ଗଣ୍ଡରେ ଘଡ଼ିଆଳ କୁମ୍ଭୀର ବଂଶ ବୃଦ୍ଧି ପାଇଁ ମାଈ ଓ ଅଣ୍ଡିରା ଘଡ଼ିଆଳ ଛଡ଼ାଯାଇଛି। ଚଳିତ ବର୍ଷ ମାଈ ଘଡ଼ିଆଳ ୨୫ଟି ଅଣ୍ଡା ଦେଇଥିବା ବେଳେ ୧୯ଟି ଶାବକ ଅଣ୍ଡାରୁ ଜନ୍ମ ହୋଇଥିବା ଘଡ଼ିଆଳ ରିସର୍ଚ୍ଚ ଟିମ୍‌ସୂଚନା ଦେଇଛନ୍ତି। ସମସ୍ତ ଶାବକ ସୁନାଖଣିଆଁ ବିଟ୍‌ର ମହାନଦୀ ଅପରପାଶ୍ୱର୍ ବଳଦମରାରେ ସୁରକ୍ଷିତ ଓ ସୁସ୍ଥ ଥିବା ଜଣା ପଡିଛି। ଶାବକ ଜନ୍ମ ହେବା ପରେ ବିଭାଗ ଓ ଘଡ଼ିଆଳ ରିସର୍ଚ୍ଚ ଟିମ୍ ପାଇଁ ଖୁସିର ବାତାବରଣ ଦେଖା ଯାଇଛି।

# ଗର୍ଭବତୀଙ୍କୁ ୩ କିମି ବୋହି ବୋହି ନେଲେ ଆମ୍ବୁଲାନ୍ସ କର୍ମଚାରୀ

ବଲାଙ୍ଗିର,୨୬।୫(ସମିସ): ବଲାଙ୍ଗିର ଜିଲ୍ଲାରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ମହାନତା ଦେଖିବାକୁ ମିଳିଛି। ରାସ୍ତା ନ ଥିବା ଅଞ୍ଚଳକୁ ଆମ୍ବୁଲାନ୍ସ ଯାଇ ନ ପାରିଲେ ଗାଡ଼ି ସହ କର୍ମଚାରୀ ଫେରି ଯାଆନ୍ତି। ଏଠି କିନ୍ତୁ ତାହା ହୋଇନି। କର୍ମଚାରୀମାନେ ୩କିମି ପର୍ଯ୍ୟନ୍ତ ଚାଲି ଚାଲି ଯାଇ ଗାଁକୁ ପହଞ୍ଚି ଥିଲେ। ସେଠାରୁ ଷ୍ଟ୍ରେଚରରେ ରୋଗୀକୁ ଧରି ଗାଡ଼ି ପର୍ଯ୍ୟନ୍ତ ଆସିଥିଲେ। ଏହାପରେ ଡାକ୍ତରଖାନା ଅଭିମୁଖେ ବାହାରିଥିଲେ। ବଲାଙ୍ଗିର ଜିଲ୍ଲା



ଖପ୍ରାଖୋଲ ବ୍ଲକ୍‌ରେ ଏହି ଘଟଣା ଘଟିଛି। ବ୍ଲକ୍ ଅଧୀନ ଜାନିପଡା ପାହାଡ଼ ପାଖରେ ରହୁଥିବା ରୋହିତ ଧରୁଆଙ୍କ ପତ୍ନୀ ସୀମା ମାଝୀଙ୍କ ଗର୍ଭ ଯନ୍ତ୍ରଣା ହୋଇଥିଲା। ଏଣୁ ତାଙ୍କୁ ଡାକ୍ତରଖାନା ଆଣିବା ପାଇଁ ଘର ଲୋକେ ୧୦୮ କୁ ଫୋନ୍ କରିଥିଲେ। ଖବର ପାଇ ତୁରନ୍ତ ଯୋଗୀମୁଣ୍ଡା ସବ୍ ସେଣ୍ଟରରୁ ୧୦୮ ଆମ୍ବୁଲାନ୍ସ ସେଠାକୁ ବାହାରିଥିଲା; କିନ୍ତୁ ରାସ୍ତା ନ ଥିବାରୁ ଜାନିପଡାଠାରେ ଆମ୍ବୁଲାନ୍ସ ଆଉ ଆଗକୁ ଯାଇପାରି ନ ଥିଲା। ଲୋକଙ୍କଠାରୁ ଖବର ପାଇ ଗର୍ଭବତୀଙ୍କୁ ଆଣିବା ପାଇଁ ଷ୍ଟ୍ରେଚର ନେଇ ଆମ୍ବୁଲାନ୍ସ କର୍ମଚାରୀ ଜିତେନ୍ଦ୍ର ହାତୀ, ସହାୟକ ଯଯାତି ମହାପାତ୍ର ଏବଂ ଚାଳକ ସୁବାସ ପୁଟେଲ ରୋହିତଙ୍କ ଘରକୁ ଚାଲି ଚାଲି ପହଞ୍ଚିଥିଲେ। ସୀମାଙ୍କୁ ଷ୍ଟ୍ରେଚରରେ ନେଇ ପ୍ରାୟ ୩ କିଲୋମିଟର ପର୍ଯ୍ୟନ୍ତ ଆମ୍ବୁଲାନ୍ସ ନିକଟକୁ ଆସିଥିଲେ। ଶେଷରେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରିଥିଲେ।

# କଣ୍ଟାବାଞ୍ଜିରେ ବେଆଇନ ଥଣ୍ଡା ପାନୀୟ କାରଖାନା

କଣ୍ଟାବାଞ୍ଜି,୨୬।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିସ୍ଥିତ ଚଟୁଅନକାରେ କଣ୍ଟାବାଞ୍ଜି ସହରରେ ଜଣେ ବ୍ୟବସାୟୀ ସରକାରୀ ନିୟମ ଉଲ୍ଲଂଘନ କରି ଏକ ଥଣ୍ଡା ପାନୀୟକାରଖାନା ଚଳାଇଛନ୍ତି। ଏଠାରେ ଅସୁରକ୍ଷିତ ପରିବେଶ ଭିତରେ ବିଭିନ୍ନ ପ୍ରକାରର




ଥଣ୍ଡା ପାନୀୟ ତିଆରି ହେଉଛି। ତାହା ମଧ୍ୟ ଅତି ନିମ୍ନମାନର ବୋଲି ଆମ୍ବେଦକର ଯୁବକ ସଂଘ ଅଭିଯୋଗ କରିଛି। ଏହା ପିଇ ଲୋକଙ୍କ ସ୍ୱାସ୍ଥ୍ୟ ଖରାପ ହେଉଥିବା ସଂଘ ଅଭିଯୋଗ ଆଣିଛି। ଥଣ୍ଡା ପାନୀୟ ନାଁରେ ବ୍ୟବସାୟୀ ଜଣକ ସାଧାରଣ ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ବଲାଙ୍ଗୀର ଜିଲ୍ଲା ପ୍ରଶାସନ ଏହି କାରଖାନା ଯାଞ୍ଚ କରୁନାହିଁ। କାରଖାନା ପାଁ ଯେଉଁ ସବୁ କାଗଜପତ୍ର ଲାଗିଥାଏ ସେ ନିୟମ ପାଳନ କରାଯାଉନି। କିଛି ବିଭାଗୀୟ ଅଧିକାରୀଙ୍କୁ ହାତଗୁଞ୍ଜା ଦେଇ ଏହି କାରଖାନା ବେଆଇନ ଭାବେ ଚାଲୁଥିବା ସଂଘ ଅଭିଯୋଗ କରିଛି। ଅସୁରକ୍ଷିତ ପରିବେଶରେ ଚାଲିଥିବା ଏହି କାରଖାନା ତୁରନ୍ତ ସିଲ୍ କରା ନ ଗଲେ ବେହେରେନସିଲେଟ ଆମ୍ବେଦକର ଯୁବକ ସଂଘ ଆନ୍ଦୋଳନ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

**ବୌଦ୍ଧ ଜିଲ୍ଲା ସଡ଼କ ସୁରକ୍ଷା କମିଟି ସମୀକ୍ଷା ବୈଠକ**

# ଲୋକଙ୍କ ଧନ, ଜୀବନ ସୁରକ୍ଷାକୁ ପ୍ରାଥମିକତା

ବୌଦ୍ଧ,୨୬।୫(ସମିସ)



ବୌଦ୍ଧ ଜିଲ୍ଲା ସଡ଼କ ସୁରକ୍ଷା କମିଟି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୋଟର ଭେହିକିଲ୍ ଆଇନ୍ ଅନୁଯାୟୀ ଜୋରିମାନା ସଂଗ୍ରହ, ଜିଲ୍ଲାରେ ଘଟୁଥିବା ସଡ଼କ ଦୁର୍ଘଟଣା ଓ ମୃତ୍ୟୁହାର ସମ୍ପର୍କିତ ସମୀକ୍ଷା, ପୂର୍ବ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକର କାର୍ଯ୍ୟବିବରଣୀ ଏବଂ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ସୁଶମା ସାହୁ ସମସ୍ତଙ୍କୁ ସ୍ୱାଗତ କରି ବିଭାଗର କାର୍ଯ୍ୟାବଳୀ ପ୍ରଦର୍ଶନ କରିଥିଲେ। ଲୋକଙ୍କ ଧନ ଜୀବନ କିଭଳି ସୁରକ୍ଷିତ ରହିବ ତାହା ସମସ୍ତଙ୍କ ପ୍ରାଥମିକତା ହେବା ଉଚିତ ବୋଲି ଜିଲ୍ଲାପାଳ କହିଥିଲେ। ସମସ୍ତ ୨ଚକିଆ ଯାନ ଚାଳକ ନିଶ୍ଚିତ ଭାବରେ ହେଲମେଟ ପରିଧାନ କରିବେ। ନିଶାସକ୍ତ ଡ୍ରାଇଭରଙ୍କୁ ନିୟମିତ ଯାଞ୍ଚ କରି ଜରିମାନା ଆଦାୟ କରାଯିବ। ରାସ୍ତାରେ କେହି ବାଲି, ମେଟାଲ ଜମା କରିବେ ନାହିଁ। ରାସ୍ତା ଉପରେ ଭରିଯାନ ପାର୍କିଂ ହେବନାହିଁ। ଏଥିପାଇଁ ପରିବହନ, ପୁଲିସ, ଅବକାରୀ ବିଭାଗ ଓ ତହସିଲଦାର ମିଳିତ ପଦକ୍ଷେପ ଗ୍ରହଣ କରିବେ ବୋଲି ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ୨୦୨୬ର ପ୍ରଥମ ୪ ମାସ ମଧ୍ୟରେ ଜିଲ୍ଲାରେ ୩,୪୮୦ଟି ଚାଲାଣ କଟାଯାଇଛି। ୧ କୋଟି ୨୭ ଲକ୍ଷ ୯୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଆରଟିଓ ପକ୍ଷରୁ ସିଟ୍ ବେଲ୍ଟ ନ ପିନ୍ଧିବା ପାଇଁ ୩୯ଟି, ହେଲମେଟ୍ ନ ପିନ୍ଧିବା ପାଇଁ ୧,୪୭୩ ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା ପାଇଁ ୧,୦୭୭ ଏବଂ ମଦ୍ୟପାନ କରି ଗାଡ଼ି ଚଳାଇବା ପାଇଁ ୧୧୧ ମାମଲା ରୁଜୁ ହୋଇଛି। ୮୨୫ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଚି। ପୁଲିସ ପକ୍ଷରୁ ଇ-ଚାଲାଣ ମାଧ୍ୟମରେ ହେଲମେଟ୍ ନ ପିନ୍ଧିବା ପାଇଁ ୫୮୭ ଓ ସିଟ୍ ବେଲ୍ଟ ନ ପିନ୍ଧିବା ପାଇଁ ୧୫୨ ଚାଲାଣ କଟା ଯାଇଥିବା ସୂଚନା ଦିଆଯାଇଥିଲା। ବର୍ଷର ପ୍ରଥମ ୪ ମାସ ମଧ୍ୟରେ ସଡ଼କ ଦୁର୍ଘଟଣାରେ ୩୧ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ ଜଣ ଗୁରୁତର ଆହତ ହୋଇଛନ୍ତି ବୋଲି ବୈଠକରେ ସୂଚନା ଦିଆଯାଇଛି। ପିଏମ୍ ରାହତ ଯୋଜନା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ୨୪ ଘଣ୍ଟା ମଧ୍ୟରେ ଆୟୁଷ୍ମାନ ଭାରତ ଯୋଜନାରେ ଅନୁବନ୍ଧିତ ଘରୋଇ ଡାକ୍ତରଖାନାରେ ନିଶ୍ଚିତ ଭାବରେ ଭର୍ତ୍ତି କରାଇବା ଆବଶ୍ୟକ। ଏଥିପାଇଁ ଚିକିତ୍ସାରେ ଅର୍ଥ କେବେ ବି ବାଧକ ନ ହେବା ଏବଂ ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇବାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସରକାରୀ ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ଚିକିତ୍ସା ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବେ କରାଯିବା ସହ ପ୍ରଥମ ପର୍ଯ୍ୟାୟରେ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଯୋଗାଇବାକୁ ସରକାରଙ୍କ ବ୍ୟବସ୍ଥା ଥିବା ସୂଚନା ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଏସ୍‌ପି ଆନନ୍ଦ ଡୁଙ୍ଗଡୁଙ୍ଗ, ଆର୍ ଆଣ୍ଡ ବି ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ ଛୁଆଲସିଂ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର ସାହୁ, ଏମ୍‌ଭିଆଇ ସଞ୍ଜୟ ବେହେରା, ଟ୍ରାଫିକ ଇନ୍ସପେକ୍ଟର ଦେବାଶିଷ ନାୟକ, ଏସ୍‌ଡିଓ ଏନ୍‌ଏଚ୍ ପ୍ରଶାନ୍ତ ସାହୁ, ଇଡିଏଆରଏମ ନିତ୍ୟବ୍ରତ ଗର୍ଡିଆ, ଘରୋଇ ବସ୍ ଆସୋସିଏସନ୍ ସଭାପତି ଓ ସମ୍ପାଦକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ସଦସ୍ୟ ଉପସ୍ଥିତ ଥିଲେ।

# କୁଳିଆଦର ଗାଁର ଦୁଃଖ କହିଲେ ସରିବନି

କଣ୍ଟାବାଞ୍ଜି,୨୬।୫(ସମିସ): ଗାଁରେ ଶ୍ରମିକଙ୍କୁ କାମ ମିଳୁନାହିଁ; ଯାହାଫଳରେ ପରିବାର ପ୍ରତିପୋଷଣ କରିବା ପାଇଁ ଅନେକ ସଂଘର୍ଷ କରିବାକୁ ପଡୁଛି। ସାହୁକାରଙ୍କଠାରୁ ଅନେକ ପରିବାର ଧାରକରଜ ଆଣି ପରିବାର ଚାଳୁଥିଲେ। ଶେଷରେ ମୁଣ୍ଡ ଉପରେ କରଜ ବଢ଼ିଲା। ଗାଁରେ ରୋଜଗାର ନ ପାଇ ଏବେ ଏମାନେ ଗାଁ ଛାଡିଛନ୍ତି। ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ କରୁଆଁମୁଣ୍ଡା ପଞ୍ଚାୟତର କୁଳିଆଦରୋ ଗାଁରେ ଏହା ଦେଖିବାକୁ ମିଳିଛି। ଏହି ଗାଁର ୩୦ ପରିବାର ଭିଟାମାଟି ଛାଡ଼ି ଦାଦନ ଖଟିବାକୁ ଯାଇଛନ୍ତି। ସେମାନଙ୍କ ଘରେ ତାଲା ଝୁଲୁଛି। ସରକାର ଦାଦନ



- **ଗାଁର ୩୦ ପରିବାର ଦାଦନ ଯାଇଛନ୍ତି, ଘରେ ଝୁଲୁଛି ତାଲା**
- **ଜବ୍‌କାର୍ଡ ଥାଇ ବି ମିଳୁନି କାମ**



ପ୍ରବଣ ବ୍ଲକରେ ଲୋକଙ୍କ ଲାଗି ୩୦୦ ଦିନର ରୋଜଗାର ଦେଉଥିବା କହୁଛନ୍ତି। ବାସ୍ତବରେ ତାହା କେବଳ ଭାଷଣରେ ସୀମିତ ରହି ଯାଇଛି। ସେପଟେ ମନରେଗା ଦୁର୍ନୀତି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏବେ ପୁଣି ଏକ ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। କୁଳିଆଦର ଗାଁରେ ଥିବା ଶ୍ରମିକଙ୍କ ପାଖରେ ବୈଧ ଜବ୍‌କାର୍ଡ ଥିଲେ ମଧ୍ୟ ସେମାନଙ୍କୁ କୌଣସି ପ୍ରକାରର କାର୍ଯ୍ୟ ଯୋଗାଇ ଦିଆଯାଉ ନାହିଁ। ସବୁଠାରୁ ବଡ଼ କଥା ହେଉଛି କିଛି ଶ୍ରମିକମାନେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ନ ଯାଇ ନିଜ ଭିଟାମାଟିରେ ରହି କାମ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ସରକାରୀ ନିୟମ ଅନୁଯାୟୀ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା କଥା; ହେଲେ ଏଠାରେ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ସ୍ଥାନୀୟ ବ୍ଲକ୍ ଏବଂ ପଞ୍ଚାୟତ ଅଧିକାରୀମାନେ ଏହି ଗରିବ ଶ୍ରମିକମାନଙ୍କୁ କାମ ଯୋଗାଇ ଦେବାରେ ସମ୍ପୂର୍ଣ୍ଣ ଅସମର୍ଥ ହେଉଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତିର କଳାବାଦଲ ଆଉ ଅନ୍ୟପଟେ ହକ୍‌ରୁ ଅସହାୟ ଶ୍ରମିକ ବଞ୍ଚିତ ହେଉଛନ୍ତି। ପ୍ରଶାସନର ଏଭଳି ଉଦାସୀନ ମନୋଭାବ ଯୋଗୁଁ ଶ୍ରମିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଆୟୁବ ଖାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା କଣ୍ଟାବାଞ୍ଜି ହେମାଳ ସଂଘ



କଣ୍ଟାବାଞ୍ଜି,୨୬।୫(ସମିସ): କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଆୟୁବ ଖାନଙ୍କ ବିୟୋଗରେ ମଙ୍ଗଳବାର ସ୍ଥାନୀୟ ହେମାଳ ସଙ୍ଘ ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ଶେଷଦେବ ପୁଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅମଜତ ଖାନ, ହେମାଳ ସଂଘର ଉପ ସଭାପତି ବିଦେଶୀ ବେହେରା, ସମ୍ପାଦକ ବିସର୍? ବେହେରା, କୋଷାଧ୍ୟକ୍ଷ ସୁରେଶ ପୁଟେଲ ପ୍ରମୁଖ ମଞ୍ଚସୀନ ଥିଲେ। କମଳ ବେହେରା, ବିନୋଦ ବେହେରା, ଛୁବୁ ବେହେରା, ଦାମୋଦର ବେହେରା, ଧନଞ୍ଜୟ ପୁଟେଲ, ଦେବରାଜ ବେହେରା, ରମେଶ ବହିଦାର, କ୍ରୀଷ୍ଣା ଭୋଇ ପ୍ରମୁଖ ଯୋଗଦେଇ ଆୟୁବ ଖାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ନାରାୟଣପ୍ରସାଦ ପଞ୍ଚାୟତର ବିଭିନ୍ନ ଗାଁରେ ନଳକୂଅ ମରାମତି

କନ୍ଧମାଳ,୨୬।୫(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ନାରାୟଣପ୍ରସାଦ ପଞ୍ଚାୟତର ବିଭିନ୍ନ ଗ୍ରାମରେ କୂଅ, ପୋଖରୀ, ଝରଣା ଓ ନଳକୂଅରୁ ପାଣି ଶୁଖି ଯାଇଛି। ଏଣୁ ପାଣି ପାଇଁ ଲୋକେ କଲବଲ ହେଉଛନ୍ତି। ତେବେ ଲୋକଙ୍କ ଅଭିଯୋଗ ପରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶରେ ରିଙ୍ଗାପଡା, ସମାକୁପା, ସାନଅସୁରରେ ନଳକୂଅ ମରାମତି କରାଯାଇଛି। ନଟ ମନହିରା, କୃଷ୍ଣଚନ୍ଦ୍ର ପୁଟେଲ, ସାନନ୍ଦ କୁମ୍ଭାର ଓ ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଗାଁ ଗାଁ ବୁଲି ଅଚଳ ନଳକୂଅ ମରାମତିରେ ଲାଗିଛନ୍ତି।



# ଜାତୀୟ ରାଜପଥରେ ଢଳି ରହିଛି ଗଛ

ବୌଦ୍ଧ,୨୬।୫ (ସମିସ): ବୌଦ୍ଧ-ବଲାଙ୍ଗିର ଜାତୀୟ ୫୭ ନମ୍ବର ରାଜପଥର ବୁରକଟା ଛକରୁ ୧୦୦ ମିଟର ଦୂର ଜହ୍ନାପଙ୍କ ରାସ୍ତାରେ ଏକ ଗଛ ରାସ୍ତା ଉପରକୁ ଢଳି ରହିଛି। କେତେବେଳେ ଏହା ଧନ ଜୀବନ ନଷ୍ଟ କରିପାରେ। ଗଛଟି ଏଭଳି ଭାବେ ଢଳି ରହିଛି ଯେ ଦେଖିଲେ ରାସ୍ତା ଅତିକ୍ରମ କରିବାକୁ ଭୟ ଲାଗିବ। ଲୋକଙ୍କ କହିବା ଅନୁଯାୟୀ କିଛି କାଠ ଚୋର ରାତିରେ ଗଛଟିର ମୂଳକୁ କାଟି ଦେବା ଫଳରେ ଏହା ତଳେ ନ ପଡ଼ି ଏକ ଗଛ ଡାଳରେ ଆଉଜି ରହିଛି। ଉପାୟଶୂନ୍ୟ ହୋଇ କାଠ ମାଫିଆ ଛାଡି ପଳାଇଛନ୍ତି।



## ୧୨ ସମର୍ଥକଙ୍କ ସହ ଦଳ ଛାଡ଼ିଲେ କଂଗ୍ରେସ ନେତା



ତରଭା,୨୬।୫(ସମିସ): ତରଭା ବିଜେପି କାର୍ଯ୍ୟାଳୟରେ ମଙ୍ଗଳବାର ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ତରଭା ବ୍ଲକ୍ ବଡଭୋଇଁରୋ ପଞ୍ଚାୟତ ପାଣିମୁରାର କଂଗ୍ରେସ ନେତା ସୁଧୀର ରଂଜନ ସାହୁ ଓ ତାଙ୍କର ୧୨ ଜଣ ସମର୍ଥକ ବିଜେପିରେ ଯୋଗ ଦେଇଛନ୍ତି। ବଲାଙ୍ଗୀର ସାଂସଦଙ୍କ ତରଭା ବ୍ଲକ୍ ପ୍ରତିନିଧି ବିମଳଚନ୍ଦ୍ର ମିଶ୍ର, ତରଭା ନଗର ମଣ୍ଡଳ ବିଜେପି ସଭାପତି ମାନସ ସାହୁ, ମେଣ୍ଡା ମଣ୍ଡଳ ସଭାପତି ଭୁବନାନନ୍ଦ ବାଦୀ, ନରେଶ ଷାଣ୍ଡ, ଚୈତନ୍ୟ ସାହୁ, ସତ୍ୟ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ଏହି ମିଶ୍ରଣ ଯୋଗୁଁ ବଡଭୋଇଁରୋ ପଞ୍ଚାୟତରେ ଦଳ ମଜବୁତ ହେବ ବୋଲି ତରଭା ନଗର ମଣ୍ଡଳ ସଭାପତି ଶ୍ରୀ ସାହୁ ଆଶା ପ୍ରକାଶ କରିଛନ୍ତି।

## ତରଭା ଅଞ୍ଚଳରେ ବିଜୁଳିର ଲୁଚକାଳି

■ ଅତିଷ୍ଠ ଜନସାଧାରଣ ଆନ୍ଦୋଳନ ପାଇଁ ସଜବାଜ

ତରଭା,୨୬।୪(ସମିସ): ଚଳିତ ବର୍ଷର ପ୍ରବଳ ଗ୍ରୀଷ୍ମପ୍ରବାହରେ ତରଭା ଅଞ୍ଚଳର ଜନସାଧାରଣ ଆଉଟୁ ପାଉଟୁ ହେଉଛନ୍ତି। ମଧ୍ୟାହ୍ନ ୧୨ଟାରେ ପାରଦ ୪୩ ଡିଗ୍ରୀ ଉପରେ ପହଞ୍ଚି ଯାଉଥିବାରୁ ରାସ୍ତା ଘାଟ ଶୂନଶାନ ହୋଇଯାଉଛି। ଏଭଳି ପରିସ୍ଥିତିରେ ମନଇଚ୍ଛା ବିଜୁଳି କାଟ୍ ଜନସାଧାରଣଙ୍କୁ ଅଥୟ କରି ପକାଉଛି। ପ୍ରତିଦିନ ବିଭିନ୍ନ ଆଳରେ ବିଭାଗ ତରଫରୁ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ କରାଯାଉଥିବାରୁ ଜନଜୀବନ ଅଥୟ ହୋଇ ପଡୁଛି। ୧୩୨ କେଭି ମରାମତି ସକାଶେ ମଙ୍ଗଳବାର ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ବିଜୁଳି କାଟ ହେବ ବୋଲି ବିଭାଗ ତରଫରୁ ସୋମବାର ସନ୍ଧ୍ୟାରେ ଡାକବାଜି ଯନ୍ତ୍ର ଦ୍ୱାରା ଅବଗତ କରାଯାଇଥିଲା। ପରେ ଏହା ସକାଳ ୬ ଟାରୁ ୧୦ ପର୍ଯ୍ୟନ୍ତ ବୋଲି କୁହାଗଲା; ହେଲେ ବିଜୁଳି ଆସିଲା ଅପରାହ୍ନ ସାଢେ ୨ଟାରେ। ପୁଣି ୨ଟା ୪୦ରେ ଗଲା ଯେ ୪ଟାରେ ଆସିଲା। ତାହା ସତ୍ତ୍ୱେ ଯିବା ଆସିବା ଲାଗି ରହିଲା। ପୁଣି ସନ୍ଧ୍ୟା ସାଢେ ୬ଟାରେ ଯାଇ ୮ଟା ୩୩ରେ ଆସିଥିଲା। ତରଭା ଅଞ୍ଚଳରେ ଏଭଳି ବିଦ୍ୟୁତ୍ କାଟ୍‌କୁ ନେଇ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଲାଣି। ଅଞ୍ଚଳରେ ଦିନକୁ ୭ରୁ ୮ ଘଣ୍ଟା ବିଜୁଳି ମିଳୁଥିବାରୁ ଜନସାଧାରଣଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଲାଣି। ଯଦି ଏଭଳି ବିଦ୍ୟୁତ୍ କାଟ୍ ଅବ୍ୟାହତ ରହେ ତେବେ ଏକ ବଡ଼ ଧରଣର ଆନ୍ଦୋଳନ ସମ୍ଭାବନାକୁ ଏଡେଇ ହେବନାହିଁ।

## ଉଦାହରଣ ସୃଷ୍ଟିକଲେ ସ୍ୱେଚ୍ଛାସେବୀ

କଣ୍ଟାବାଞ୍ଜି,୨୬।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହର ନୂଆପଡ଼ା ବାସିନ୍ଦା ତଥା କଣ୍ଟାବାଞ୍ଜି ସ୍ୱେଚ୍ଛାସେବୀ ସଗଠନ ସଭାପତି ଶାନ୍ତନୁ ବିଭାର ଅନ୍ୟମାନଙ୍କ ଲାଗି ଉଦାହରଣ ସାଜିଛନ୍ତି। ସେ ତାଙ୍କ ୪ବର୍ଷର ଝିଅ ଦିବ୍ୟାସିଙ୍କ ଜନ୍ମଦିନ ଅବସରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। କଣ୍ଟାବାଞ୍ଜି ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରରେ ପହଞ୍ଚି ସେ ରକ୍ତଦାନ କରିଥିଲେ। ସେହିଭଳି ସେ ଗ୍ରୀଷ୍ମ ପ୍ରବାହ ତଥା ଉହତହ ଖରାରୁ ରକ୍ଷା ପାଇବା ପାଇଁ ଅସହାୟ ଲୋକଙ୍କୁ ଛତା, ଚପଲ, ପାଣିବତଲ ଆଦି ବଣ୍ଟନ କରିଛନ୍ତି।



**୪୧୫ ବିଏଲଓଙ୍କ ସହ ୪୨ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ**

# ସମ୍ପୂର୍ଣ୍ଣ ସ୍ୱଚ୍ଛ, ଶତ ପ୍ରତିଶତ ଏସ୍‌ଆଇଆର୍ ପାଇଁ ନିର୍ଦ୍ଦେଶ

ବୌଦ୍ଧ,୨୬।୫(ସମିସ): ନିର୍ବାଚନ ଆୟୋଗଙ୍କ ଦ୍ୱାରା ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମ ଅଧୀନ ବିଏଲଓ ଏବଂ ବିଏଲଓ ସୁପରଭାଇଜରମାନଙ୍କ ପାଇଁ ବୌଦ୍ଧ ଜିଲ୍ଲାରେ ୨ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷ ହୋଇଛି। ଜିଲ୍ଲାରେ ସମ୍ପୂର୍ଣ୍ଣ ସ୍ୱଚ୍ଛ ଏବଂ ଶତ ପ୍ରତିଶତ ସଫଳତା ସହ ଏସ୍‌ଆଇଆର୍ କାର୍ଯ୍ୟକ୍ରମ ସମ୍ପନ୍ନ କରିବା ପାଇଁ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ସମସ୍ତ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।






୮୫- କନ୍ଧମାଳ ବିଧାନସଭା କ୍ଷେତ୍ର ଓ ୮୬-ବୌଦ୍ଧ ବିଧାନସଭା କ୍ଷେତ୍ର ଅଧୀନ ସମସ୍ତ ବିଏଲଓ ଏବଂ ବିଏଲଓ ସୁପରଭାଇଜରମାନେ ଏହି ପ୍ରଶିକ୍ଷଣରେ ଯୋଗ ଦେଇଥିଲେ। କନ୍ଧମାଳ ପାଇଁ ଏଡିଏମ ଅନିରୁଦ୍ଧ ପ୍ରଧାନ, ବୌଦ୍ଧ ପାଇଁ ଉପଜିଲ୍ଲାପାଳ ବିନୟ ଭୋଇ ପ୍ରଶିକ୍ଷଣଦେଇଥିଲେ। ବୌଦ୍ଧ ଅଞ୍ଚଳ ପାଇଁ ତହସିଲଦାର, ବିଡିଓ, ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅତିରିକ୍ତ ବିଡିଓ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ହରଭଙ୍ଗା ଅଞ୍ଚଳ ପାଇଁ ତହସିଲଦାର, ବିଡିଓ, ଅତିରିକ୍ତ ବିଡିଓ ଏବଂ କନ୍ଧମାଳ ଅଞ୍ଚଳ ପାଇଁ ତହସିଲଦାର, ବିଡିଓ, ଅତିରିକ୍ତ ତହସିଲଦାରମାନେ ପ୍ରଶିକ୍ଷଣରେ ସହଯୋଗ କରିଥିଲେ। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ବୌଦ୍ଧ ବ୍ଲକ୍ ସମ୍ମିଳନୀ କକ୍ଷ, କନ୍ଧମାଳ ପଞ୍ଚାୟତ କଲେଜ, ବ୍ଲକ୍ ସମ୍ମିଳନୀ କକ୍ଷ, କଲେକ୍ଟରେଟସ୍ଥିତ ସଦ୍ଭାବନା ସଭାଗୃହ, ହରଭଙ୍ଗା ବ୍ଲକ ସମ୍ମିଳନୀ କକ୍ଷରେ ଏହି ପ୍ରଶିକ୍ଷଣ ଦିଆଯାଇଥିଲା। ୪୧୫ ଜଣ ବିଏଲଓ ଓ ୪୨ ଜଣ ବିଏଲଓ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

## ବାବାଜୀ ସାହୁ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଡୁଙ୍ଗୁରିପାଲି,୨୬।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଗଜବନ୍ଧ ବାବାଜୀ ସାହୁ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ୨୦୨୫-୨୬ ଶିକ୍ଷାବର୍ଷରେ କଲେଜର ସୁନାମ ଆଣିଥିବା ଛାତ୍ରଛାତ୍ରୀଙ୍କୁ ନେଇ ଏହି ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଯୁକ୍ତ ଦୁଇ ଉଚ୍ଚମାଧ୍ୟମିକ ପରୀକ୍ଷାରେ ସର୍ବମୋଟ ୧୮୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୫୦ ଜଣ ପ୍ରଥମ ଶ୍ରେଣୀ ଓ ୪୦ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ତୃତୀୟ ଶ୍ରେଣୀରେ ୭୩ ଜଣ ଛାତ୍ରଛାତ୍ରୀ ସଫଳତା ଆଣିଛନ୍ତି। ଲିପ୍ସା ବଗର୍ତ୍ତୀ ଓ ଅମିଶା ନାଏକ ୫୨୮ ମାର୍କ ରଖିଥିବା ବେଳେ ଅର୍ପିତା ମାଝୀ ୫୨୫ ମାର୍କ, ସୁନେଲି ସରଉଙ୍ଗା ୫୧୫ ମାର୍କ ଓ ତନୁଶ୍ରୀ ପ୍ରଧାନ ୫୦୫ ମାର୍କ ରଖିଛନ୍ତି। କଲେଜ ଅଧ୍ୟକ୍ଷ ତେଜସ୍କର ଦାସଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ହୋଇଥିଲା। ଅଧ୍ୟାପକ ଲୋକେଶ୍ୱର ବିଶି, ବୀଣାପାଣି ବିଶ୍ୱାଳ, ମନୋଜ ସାହୁ, ରାଜେଶ ମେହେର, ସୁବାଷ ନାଗ, ମଧୁସୂଦନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

